## ତ୍ରିପୁରେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାଲିଆପାଳ, ୨୮।୪(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ନେପୁରା ଗ୍ରାମର ଶ୍ରୀତ୍ରିପୁରେଶ୍ୱର ମହାଦେବଙ୍କ ଚାରିଦିନିଆ ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ଆରମ୍ଭ ହୋଇଯାଇଛି। ଏହି ଅବସରରେ ୧୦୮ମହିଳା ସୁବର୍ଣ୍ଣରେଖା ନଦୀରୁ କଳସ ଶୋଭାଯାତ୍ରା ଜଳ ଆଣି ବାବାଙ୍କୁ ମହାସ୍ନାନ କରାଇଥିଲେ। ପରେ ମନ୍ଦିର ପ୍ରତିଷ୍ଠାର ନୀତିକ୍ରାନ୍ତି ସହିତ ପୂଜାର୍ଚ୍ଚନା କରାଯାଇ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଆସନ୍ତା ଗୁରୁବାର ପୂର୍ଣ୍ଣାହୁତି ପରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମାପନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ମଙ୍ଗଳବାର ମହାଦେବଙ୍କ ଅଗ୍ନିସ୍ଥାପନ, (ପାର୍ବତ୍ୟାଗୀ) ସୂର୍ଯ୍ୟପୂଜା, ଗୁରୁପୂଜା, ବେଦପାଠ, ଗୋବିନ୍ଦ ପୂଜା, ସ୍ନାନ, ମହାସ୍ନାନ, ଶୟନ କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୁଧବାର ମହାଦେବଙ୍କ ସହିତ ନବଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ନଗର ପରିକ୍ରମା, ତ୍ରିଶୂଳ ସ୍ଥାପନ, ଧ୍ୱଜା ସ୍ଥାପନ, ପିଣ୍ଡିକା ସ୍ଥାପନ, ଭୋଗଶିଳା ସ୍ଥାପନ, ଆଳତୀ, ପୁଷ୍ପାଞ୍ଜଳି, ରୁଦ୍ରାଭିଷେକ ଏବଂ ଗୁରୁବାର ଉଦ୍‌ଯାପିତ ହେବା ସହିତ ପ୍ରସାଦସେବନ ବ୍ୟବସ୍ଥା କରାଯାଇଛି।

# ମେ’ ୧୫ରୁ ଆରମ୍ଭ ହେବ ଧାନ କ୍ରୟ

### ଜିଲାସ୍ତରୀୟ ରବି ଧାନକ୍ରୟ କମିଟି ବୈଠକ

### ସିଲ୍ ହେବ ଓଡ଼ିଶା-ପଶ୍ଚିମବଙ୍ଗର ୮ ସଂଯୋଗ ସ୍ଥଳ



ବୈଠକରେ ଏମ୍‌ପି ଓ ବିଧାୟକଙ୍କ ସହ ପ୍ରଶାସନିକ ଅଧିକାରୀ।

ବାଲେଶ୍ୱର, ୨୮।୪(ବାଞ୍ଛାନିଧି ଦେ):

ବାଲେଶ୍ୱର ଜିଲାପାଳ କାର୍ଯ୍ୟାଳୟସ୍ଥିତ ଅଡିଟୋରିୟମ୍ ହଲ୍‌ରେ ମଙ୍ଗଳବାର ଜିଲାସ୍ତରୀୟ ରବି ଧାନକ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା ଏବଂ ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ପ୍ରମୁଖ ଯୋଗଦେଇ ଜିଲାରେ ରବିଧାନ କ୍ରୟ ସୁପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ। ଆସନ୍ତା ମେ’ ୧୫ ତାରିଖରୁ ଧାନ କ୍ରୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ ସୁଧାକର ନାଏକ ସ୍ୱାଗତ ଭାଷଣ ଦେଇଥିଲେ। ଉପଜିଲାପାଳ ଶିବ ମାଲଭୀୟ ଓ ଶୁଭଶ୍ରୀ ରଥ, ଆର୍‌ଏମସି ଚେୟାରମ୍ୟାନ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଡିଆର୍‌ସିଏସ, ଡିଭିଜନାଲ ମ୍ୟାନେଜର, ଏଫ୍‌ସିଆଇ, ସେକ୍ରେଟାରୀ, ଜିଲା କୋ ଅପରେଟିଭ ବ୍ୟାଙ୍କ୍ ଅଧିକାରୀ, ସିଟିଜିଏସ୍‌ଟି ସହକାରୀ କମିଶନର, ଡିଏସ୍‌ଡବ୍ଲ୍ୟୁଓଙ୍କ ସମେତ ଅନ୍ୟ ଅଧିକାରୀ ଓ ମିଲର ଉପସ୍ଥିତ ଥିଲେ। ମୁଖ୍ୟ ଯୋଗାଣ ଅଧିକାରୀ ସ୍ମିତା ନାୟକ ବିଗତ ବର୍ଷର ଖରିଫ ଓ ରବି ଧାନ କ୍ରୟ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଚଳିତ ରବିଧାନ କ୍ରୟ ପାଇଁ ପ୍ରତ୍ୟେକ ମଣ୍ଡିରେ ଜଣେ ନୋଡାଲ ଅଫିସର ଓ ୪/୫ଟି ମଣ୍ଡି ପାଇଁ ଜଣେ ସୁପରଭାଇଜିଂ ଅଫିସର ନିଯୁକ୍ତ ହେବେ। ଯେଉଁମାନେ ଧାନ କ୍ରୟ ପ୍ରକ୍ରିୟା ତଦାରଖ କରିବେ ଓ ଚାଷୀମାନଙ୍କ ସମସ୍ୟା ସମାଧାନ କରିବେ। ଜଳେଶ୍ୱର ଓ ଭୋଗରାଇ ଅଞ୍ଚଳର ୮ଟି ଆନ୍ତଃ ରାଜ୍ୟ ସଂଯୋଗ ସ୍ଥଳ ଯଥା ଲକ୍ଷ୍ମଣନାଥ ରୋଡ, ଆମ୍ବଳିଅଠା, ଚୂଡ଼ାମଣିପୁର, ମଙ୍କଡିଆ, ଅଗ୍ରୱାଲ ଛକ, ଖଇର୍ଦା, କଖଡ ଓ ଉଦୟପୁର-ତାଳସାରି ସୀମାକୁ ସିଲ୍ କରାଯିବ। ପୋଲିସ, ବଜାର ନିୟନ୍ତ୍ରକ କମିଟି ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ନେଇ ଏନଫୋର୍ସମେଣ୍ଟ ଟିମ୍ ଗଠନ ହେବ। ସେମାନଙ୍କୁ ସିସିଟିଭି ସହିତ ୪ ଚକିଆ ଗାଡ଼ି ପ୍ରଦାନ କରାଯିବ। ଧାନ ପରିବହନ କରୁଥିବା ଟ୍ରକ୍‌ଗୁଡିକରେ ଭିଟିଏସ୍ ବ୍ୟବହାର ବାଧ୍ୟତାମୂଳକ ହେବ। ଏଫ୍‌ଏକ୍ୟୁ ମାନର ଧାନ ଆଣିବା ପାଇଁ ଆର୍‌ଏମ୍‌ସି ତରଫରୁ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରାଯିବ। ଚାଷୀମାନେ ନିଜ ସମସ୍ୟା ଜଣାଇବା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୬୭ ବ୍ୟବହାର କରିପାରିବେ। ବିଗତବର୍ଷ ଭଳି ପାକ୍ସ, ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ମଣ୍ଡି ପରିଚାଳନା କରିବେ।

## ଅବକାରୀ ଚଢ଼ାଉ : ୬ ଗିରଫ

ବାଲେଶ୍ୱର, ୨୮।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ):

ବାଲେଶ୍ୱର ଜିଲା ଅବକାରୀ ଭ୍ରାମ୍ୟମାଣ ନିରୀକ୍ଷକ ହରିହର ସିଂ ଓ ବାଲେଶ୍ୱର ଅବକାରୀ ଥାନା ଦୁଇର ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ ଏବଂ ଏପିଆର ଫୋର୍ସଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ପକ୍ଷରୁ ମଙ୍ଗଳବାର ରେମୁଣା ଓ ଖନ୍ତାପଡ଼ା ଥାନା ଅନ୍ତର୍ଗତ ଦୁର୍ଗାଦେବୀ, ଟିକିରାପାଳ, ଶିଳସୁଆଁ, କସବା ଜୟପୁର, ଡାଲିଙ୍ଗିଆ, ଶିମିଳିପାଳ ଆଦି ଗ୍ରାମାଞ୍ଚଳରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧୫୫ ଲିଟର ଦେଶୀ ରନ୍ଧା ମଦ ଓ ୧୩ ଲିଟର ବିଅର ଜବତ କରାଯାଇଛି। ଚୋରା ମଦ ବ୍ୟବସାୟ କରୁଥିବା ଭଦ୍ରସିଆ ଗ୍ରାମର ଜୟରାମ ମହାରଣା, ଶିମିଳିପାଳ ଗ୍ରାମର କଟିବାବୁ ସିଂ, ଟିକିରାପାଳ ଗ୍ରାମର ରବୀନ୍ଦ୍ର ମହାଲିକ, ଶିମିଳିପାଳ ଗ୍ରାମର ପଞ୍ଚାନନ ସିଂ, କଶବାଜୟପୁର ଗ୍ରାମର ଉମ୍ବରୁଧର ବେହେରା ଓ ଡାଲିଙ୍ଗିଆ ଗ୍ରାମର ରାମଚନ୍ଦ୍ର ସାହୁଙ୍କୁ ଅବକାରୀ ଅଧିକାରୀମାନେ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଚଢ଼ାଉରେ ଅବକାରୀ ସହ ଉପ-ନିରୀକ୍ଷକ ଲମ୍ବୋଦର ମହାନ୍ତ ଓ କନଷ୍ଟେବଳ ନହାନ ମୁର୍ମୁ, ସୁନାରାମ ସୋରେନ, ପଙ୍କଜ ମହାନ୍ତି, ସୁବୀରକାନ୍ତ ବେହେରା ପ୍ରଭୃତି ସାମିଲ ଥିଲେ। ଅବକାରୀ ବିଭାଗ ପକ୍ଷରୁ ୬ଟି ମାମଲା ରୁଜୁ କରାଯାଇଛି।



ଗିରଫ ଅଭିଯୁକ୍ତ।

## ଓସଙ୍ଗ ଗାଁରେ ଅଗ୍ନିକାଣ୍ଡ, ୪ ବଖରା ନଷ୍ଟ

ଖଇରା, ୨୮।୪(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତରା ପଞ୍ଚାୟତ ଅଧୀନ ଓସଙ୍ଗ ଗାଁରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଉମାକାନ୍ତ ଶୁକ୍ଳଙ୍କର ୪ବଖରା ବାସଗୃହ ପୋଡି ପାଉଁଶ ହୋଇଯାଇଛି। ନଷ୍ଟ ହୋଇଥିବା ସମ୍ପତ୍ତିର ଆନୁମାନିକ ମୂଲ୍ୟ ୨ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଉଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନ ଥିବା ବେଳେ ଖବରପାଇ ଅଡା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ଭାଜପାର ଜନ ଆକ୍ରୋଶ ମହିଳା ସମାବେଶ

ବାଲେଶ୍ୱର, ୨୮।୪(ବାଞ୍ଛାନିଧି ଦେ):

ବାଲେଶ୍ୱର ମିଶନ ପଡ଼ିଆଠାରେ ସଦର, ରେମୁଣା, ନୀଳଗିରି, ସୋର ଓ ସିମୁଳିଆ ବିଧାନସଭା କ୍ଷେତ୍ରକୁ ନେଇ ଗଠିତ ବାଲେଶ୍ୱର ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ମଙ୍ଗଳବାର ଜନଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମାରାଣୀ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ବିରୋଧୀ କଂଗ୍ରେସ ଓ ବିଜେଡିକୁ ସମାଲୋଚନା କରିଥିଲେ। ଏହି ବିଲକୁ ସଂସଦରେ ବିରୋଧ କରିବା ନାରୀମାନଙ୍କ ପ୍ରତି ଅପମାନ ବୋଲି କହିଥିଲେ। ଆଗାମୀ ନିର୍ବାଚନରେ ମହିଳାମାନେ ଉପଯୁକ୍ତ ଜବାବ ଦେବାପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ଆଗାମୀ ଦିନରେ ମଣ୍ଡଳ ସ୍ତରରେ ଏହି ଜନ ଆକ୍ରୋଶ ମହିଳା ସମାବେଶ ହେବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ସଦର ବିଧାୟକ ମାନସ ଦତ୍ତ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସିପ୍ରାରେଖା ମହାପାତ୍ର, ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମମତା ମହାପାତ୍ର, ଉପସଭାପତି ଭାରତୀ ମଲ୍ଲିକ୍, ଜିଲା ସମ୍ପାଦିକା ସୁଭଦ୍ରା ପାଢ଼ୀ, ନଗର ସଭାନେତ୍ରୀ ସୁସ୍ମିତା ପଣ୍ଡା, ନୀଳଗିରି ସଂଯୋଜକ ନିବେଦିତା ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ବିରୋଧୀ ଦଳଙ୍କ ନାରୀ ବିରୋଧୀ ଆଚରଣକୁ ତୀବ୍ର ନିନ୍ଦା କରିଥିଲେ।

## କାକୁଡିଆ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠା ଉତ୍ସବ



ସୋମବାର ସନ୍ଧ୍ୟାରେ ଜିତୁ ଦାଶଙ୍କ ପ୍ରବଚନ।

### ଭାବବିହ୍ୱଳ କଲା ମନୋଜ ପ୍ରଧାନ, ଜିତୁ ଦାସଙ୍କ ହରିକଥା

ଖଇରା,୨୮।୪(ଉତ୍କଳବନ୍ଧୁ ପଣ୍ଡା):

ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଗ୍ରାମସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରର ୧୫ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବି ଓ ସୋମବାର ୨ଦିନ ଦିବାକର ନାୟକଙ୍କ ଆବାହକତ୍ୱରେ ଧରି ଅନୁଷ୍ଠିତ ହୋଇଯାଇଛି। ରବିବାର ସକାଳେ ଗାଁ ପୋଖରୀରୁ ଘଟ ଉତ୍ତୋଳନ କରାଯାଇଥିଲା। କାଳିଆ ପଣ୍ଡା, ଉଦ୍ଧବ ପଣ୍ଡା, ଜଗନ୍ନାଥ ପଣ୍ଡା, ଗୌରଚନ୍ଦ୍ର ପାଠୀଙ୍କ ସମେତ ୧୫ରୁ ଉର୍ଦ୍ଧ୍ୱ ବ୍ରାହ୍ମଣଙ୍କ ଦ୍ୱାରା ଯଜ୍ଞକର୍ମ ସାଙ୍ଗକୁ ଗାଁ ପୋଖରୀ ଭିତରେ ଲକ୍ଷ୍ମୀନାରାୟଣ ଙ୍କ ଶୟନ ମୂର୍ତ୍ତୀ ପ୍ରତିଷ୍ଠା କରାଯାଇଥିଲା। ସ୍ଥାନୀୟ ବାମକାଳୀ କ୍ଲବ ସଭାପତି ତୃପ୍ତିକାନ୍ତ ନାୟକ, ସମ୍ପାଦକ ଶିଶିର କୁମାର ନାୟକ, ଉପସଭାପତି ସ୍ୱପ୍ନେଶ୍ୱର ଲେଙ୍କା, ରାଜେଶ ନାୟକଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ସନ୍ଧ୍ୟାରେ ବିଶିଷ୍ଟ ପ୍ରବଚକ ମନୋଜ ପ୍ରଧାନ ଓ ସୋମବାର ସନ୍ଧ୍ୟାରେ ଓଡିଶାର ଘରେ ଘରେ ପରିଚିତ ପ୍ରବଚକ ପଣ୍ଡିତ ଜିତୁ ଦାଶଙ୍କ ହରିକଥା ଉପସ୍ଥିତ ଦର୍ଶକଙ୍କୁ ଭାବବିହ୍ୱଳ କରିଥିଲା। ଖଇରା ବିଡିଓ ନାରାୟଣ ସାହୁ, ଖଇରା ତହସିଲଦାର ଅମିତ ରଞ୍ଜନ ହୋତା, ଅତିରିକ୍ତ ତହସିଲଦାର ସଞ୍ଜିବ ପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ସେମାନଙ୍କୁ ପରିଚାଳନା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଡିଆରଏମ୍‌ଙ୍କୁ ଫେରାଦ ହେଲା କ୍ରିୟାନୁଷ୍ଠାନ କମିଟି




ଡିଆରଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ କମିଟିର କର୍ମକର୍ତ୍ତା।

### ବାଙ୍ଗରା ପାସେଞ୍ଜର ହଲ୍ଟ ଷ୍ଟେଶନ, ଓଭରବ୍ରିଜ ନିର୍ମାଣରେ ବିଳମ୍ବ

ରସାଲପୁର, ୨୮।୪(ଶରତ ସାମଲ):

ବାଲେଶ୍ୱର ସହର ଉପକଣ୍ଠ ବାଙ୍ଗରାଠାରେ ପାସେଞ୍ଜର ହଲ୍ଟ ଷ୍ଟେଶନ ଓ ଓଭରବ୍ରିଜ୍ ନିର୍ମାଣରେ ବିଭାଗୀୟ କର୍ତ୍ତୃପକ୍ଷ ବିଳମ୍ବ କରୁଛନ୍ତି। ପ୍ରତିବାଦରେ ରେଳଷ୍ଟେଶନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ଖଡ଼ଗପୁର ଡିଭିଜନ ଡିଆରଏମଙ୍କୁ ସାକ୍ଷାତ ଆଲୋଚନା ପୂର୍ବକ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମିଟିର ଆବାହକ ବିଧାନ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ସଭାପତି ସତ୍ୟନାରାୟଣ ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ମଙ୍ଗ ସିଂ, ସାଧାରଣ ସମ୍ପାଦକ ଅଞ୍ଜନ ନାୟକ, ହରେକୃଷ୍ଣ ନାୟକ, ଦୀପକ ନାୟକ, ନିରଞ୍ଜନ ଦାସ, ଶଶାଙ୍କ ଶେଖର ପାତ୍ର ପ୍ରମୁଖ ଖଡ଼ଗପୁର ଡିଭିଜନର ଡିଆରଏମ୍‌ଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଆରଏମ୍ ପ୍ରତିଶ୍ରୁତି ଦେଇଛନ୍ତି।

୨୦୧୭ ମସିହାରୁ ଆନ୍ଦୋଳନ ଓ ଧାରଣା ଦିଆଯିବା ଫଳରେ ୨୦୧୮ରେ ବିଭାଗ ତରଫରୁ ସର୍ଭେ ହୋଇଥିଲା। ପୁଣି ଡିଆରଏମଙ୍କ ସହିତ ୨୦୨୪ ମାର୍ଚ୍ଚରେ ଏ ନେଇ ଆଲୋଚନା ହୋଇଥିଲା। ଦୁଇ ଥର ସର୍ଭେ ହୋଇଥିବା ବେଳେ ଖୁବଶୀଘ୍ର ତୃତୀୟ ରେଳ ଧାରଣା କାର୍ଯ୍ୟ ଶେଷ ପରେ ରେଳଷ୍ଟେଶନ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। କିନ୍ତୁ ଏଯାବତ୍ ଏହି ପ୍ରସ୍ତାବିତ ପାସେଞ୍ଜର ଟ୍ରେନ ରହଣି ଓ ଓଭରବ୍ରିଜ୍ ନିର୍ମାଣ ପାଇଁ ବିଧିବଦ୍ଧ ଭାବେ ଅର୍ଥ ମଞ୍ଜୁର ନ ହେବା ସହ ଟେଣ୍ଡର ଆହ୍ୱାନ କରାଯାଉନାହିଁ। ମାସକ ମଧ୍ୟରେ ଷ୍ଟେଶନ କାର୍ଯ୍ୟ ଆରମ୍ଭ ନ ହେଲେ ରେଳରୋକୋ ଆନ୍ଦୋଳନ ହେବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ବାଙ୍ଗରା ରେଳଫାଟକ ବାରମ୍ବାର ବନ୍ଦ ରହୁଥିବାରୁ ସ୍କୁଲ କଲେଜ ପିଲା, ଆମ୍ବୁଲାନ୍ସ, ଦମକଳ ଗାଡ଼ି ଓ ଯାନବାହନ ଆଦି ଯାତାୟାତରେ ବାଧାପ୍ରାପ୍ତ ହେଉଛି। ଏଠାରେ ଷ୍ଟେଶନ ଓ ଓଭରବ୍ରିଜ୍ ହେଲେ ସ୍ଥାନୀୟ ବାଙ୍ଗରା, କୁରୁକୁରା, ପାଖର ସାଉଁ, ପବିତ୍ରପୁର, ବାରିଙ୍ଗିଆ, ପାଛୁଡ଼ିହା, ଯୁଧିଷ୍ଠିରାପୁର, ଶାସଙ୍ଗ, ପାଟଣା, ସାରଗାଁ, ପଦ୍ମପୁର, ବାର୍ଦ୍ଧନପୁର, ନୂଆପୁର ଶାସନ, ଖାନ ନଗର, ରସାଲପୁର, ରଣସାହି, ବଡକିଆ ଅଞ୍ଚଳର ପ୍ରାୟ ୨୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେବେ।

### ସବ୍-ଜୁନିୟର ରାଜ୍ୟ ର୍‍ୟାଙ୍କିଙ୍ଗ ବ୍ୟାଡ୍‌ମିଣ୍ଟନ

## ବାଲେଶ୍ୱର ଓଜୋଦୀପ ରନର୍ସ ଅପ୍




ରନର୍ସ ଅପ୍ ଟ୍ରଫି ଓ ମାନପତ୍ର ସହ ଓଜୋଦୀପ।

### ଜାତୀୟ ଚୟନ ତାଲିକାରେ ପାଇଲେ ସ୍ଥାନ

ବାଲେଶ୍ୱର, ୨୮।୪(ବାଞ୍ଛାନିଧି ଦେ): ବାଲେଶ୍ୱର ସଟଲର୍ ଓଜୋଦୀପ ମାଝୀ ସଦ୍ୟ ସମାପ୍ତ ଅଲ୍ ଓଡ଼ିଶା ଓଏସ୍‌ବିଏ ସବ୍-ଜୁନିୟର (୧୭ ବର୍ଷରୁ କମ୍) ରାଜ୍ୟ ର୍‍ୟାଙ୍କିଙ୍ଗ ବ୍ୟାଡମିଣ୍ଟନ୍ ଟୁର୍ନାମେଣ୍ଟରେ ୩ଟି ପଦକ ଜିତିଛନ୍ତି। ଓଜୋଦୀପ ୧୭ବର୍ଷରୁ କମ୍ ବାଳକ ଡବଲ୍ସ ଚାମ୍ପିୟନ୍, ୧୭ବର୍ଷରୁ କମ୍ ମିଶ୍ରିତ ଡବଲ୍ସ ଚାମ୍ପିୟନ ଏବଂ ୧୭ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଇଭେଣ୍ଟରେ ରନର୍ସ ଅପ୍ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି। ଏହି ଇଭେଣ୍ଟରେ ଓଡ଼ିଶାର ସମସ୍ତ ଜିଲାରୁ ୨ଶହରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟ ଢେଙ୍କାନାଳ ଜିଲା ବ୍ୟାଡମିଣ୍ଟନ ଆସୋସିଏଶନ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଦ୍ୱାରା ଏମ୍‌ପିଆଇଏସ୍ ଇନଡୋର ଷ୍ଟାଡିୟମରେ ଗତ ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ବିଜୟ ସହିତ ଓଜୋଦୀପ ୧୭ ବର୍ଷରୁ କମ୍ ବୟସ ବର୍ଗରେ ଜାତୀୟ ଚୟନ ତାଲିକାରେ ମଧ୍ୟ ସ୍ଥାନ ପାଇଛନ୍ତି। ବାଲେଶ୍ୱର ଜିଲା ବ୍ୟାଡମିଣ୍ଟନ ସଂଘର ସମସ୍ତ ସଦସ୍ୟ ତାଙ୍କୁ ଅଭିନନ୍ଦନ ଜଣାଇବା ସହ ଭବିଷ୍ୟତରେ ଅଧିକ ସଫଳତା କାମନା କରିଛନ୍ତି।

## ସ୍ମାର୍ଟ ଓଡ଼ିଶା ହାକାଥନ ୩.୦, ଯୁକ୍ତ ୨ ବିଜ୍ଞାନ ଓଡ଼ିଆରେ ପଢ଼ିବା କର୍ମଶାଳା

ବାଲେଶ୍ୱର, ୨୮।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ):




କୃତୀ ପ୍ରକଳ୍ପ କାରୀଙ୍କୁ ପୁରସ୍କୃତ କରାଯାଉଛି।

ବାଲେଶ୍ୱର ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ମାର୍ଟ ଓଡିଶା ହାକାଥନ ୩.୦ ଏବଂ +୨ ବିଜ୍ଞାନ ଓଡ଼ିଆରେ ପଢ଼ିବା କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟଅତିଥି ଭାବେ ପ୍ରବନ୍ଧ ନିର୍ଦ୍ଦେଶକ, ଆଇଆଇଟି ଭୁବନେଶ୍ୱର ସାକ୍ୟସିଂହ ମହାପାତ୍ର ଯୋଗ ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣିମା ଦାଶ, ଗବେଷଣା ଓ ସଂଯୋଜକ, ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା, ନିରଦ ବରଣ ଖୁଣ୍ଟିଆ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଇନ୍ଦ୍ରଜିତ ପାତ୍ର ଏବଂ ଭାରପ୍ରାପ୍ତ ଅଧ୍ୟକ୍ଷା, ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅପର୍ଣ୍ଣା ସେଠୀ ମଞ୍ଚାସୀନ ଥିଲେ। ଅତିଥିମାନେ ‘ସ୍ମାର୍ଟ ଓଡ଼ିଶା ହାକାଥନ ୩.୦’ ଏବଂ +୨ ବିଜ୍ଞାନ ଓଡ଼ିଆରେ ପଢ଼ିବା କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶ୍ୱେତପଦ୍ମା ସାହୁ ମଞ୍ଚ ପରିଚାଳନା କରିଥିଲେ। ‘ସ୍ମାର୍ଟ ଓଡିଶା ହାକାଥନ ୩.୦’ ପାଇଁ ବାଲେଶ୍ୱର ଜିଲାର ବିଭିନ୍ନ ଅନୁଷ୍ଠାନରୁ ୧୭ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଏଥିରେ ମୋଟ ୩୮ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ତାଙ୍କ ସହିତ ୧୩ଜଣ ମାର୍ଗଦର୍ଶକ ଉପସ୍ଥିତ ଥିଲେ। ବିଚାରକ ମଣ୍ଡଳୀରେ ସାକ୍ୟସିଂହ ମହାପାତ୍ର, ବିଶ୍ୱରଞ୍ଜନ ଚମ୍ପତିରାୟ ଓ ପ୍ରଶାନ୍ତ କୁମାର ତ୍ରିପାଠୀ ନିୟୋଜିତ ହୋଇଥିଲେ। ୪ ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଦ୍ୱିତୀୟ ଅଧିବେଶନରେ ‘+୨ ବିଜ୍ଞାନ ଓଡ଼ିଆରେ ପଢ଼ିବା’ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ରିସୋର୍ସ ପର୍ସନ, ନିରଦ ବରଣ ଖୁଣ୍ଟିଆ ଓ ଜିଲା ଶିକ୍ଷା ଅଧିକାରୀ ବସନ୍ତ କୁମାର ନାୟକ ପ୍ରଶିକ୍ଷକ ଭାବେ ମୋଟ ୩୭ ଜଣ ବିଜ୍ଞାନ ଅଧ୍ୟାପିକା ଅଧ୍ୟାପକ, ଅଧ୍ୟକ୍ଷା ଅଧ୍ୟକ୍ଷମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ କୃତୀ ପ୍ରକଳ୍ପକାରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୨ୟ ଦିନରେ ପଞ୍ଚାୟତ ପ୍ରତିନିଧିଙ୍କ ଆନ୍ଦୋଳନ

ବାସୁଦେବପୁର,୨୮।୪ (ନାରାୟଣ ପ୍ରସାଦ ବାରିକ୍):

ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସଂଘ ପକ୍ଷରୁ ଚାଲିଥିବା ଆମରଣ ଅନଶନ ମଙ୍ଗଳବାର ୨ୟ ଦିନରେ ପହଞ୍ଚିଛି। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ୩୦ରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତିସଭ୍ୟ ଅନଶନ ଚଳାଇଥିବା ବେଳେ ସନ୍ଧ୍ୟା ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଅନଶନ ସ୍ଥଳକୁ ଆସି ନ ଥିଲେ। ଏହାକୁ ନେଇ ଅନଶନକାରୀମାନେ କ୍ଷୋଭ ପ୍ରକାଶ କରିଥିଲେ। ଗ୍ରାମସଭାରୁ ଆସିଥିବା ପ୍ରକଳ୍ପଗୁଡ଼ିକୁ ଗୁରୁତ୍ୱ ଦିଆ ନ ଯାଇ ଦଳୀୟ ଭିତ୍ତିରେ ଚୟନ ଓ ଅନୁମୋଦନ କରାଯାଇଥିବାରୁ ସରପଞ୍ଚ ଓ ସମିତିସଭ୍ୟମାନେ ଏହାକୁ ବିରୋଧ କରି ଅନଶନରେ ବସିଛନ୍ତି। ଏହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି ସଂଘ ସଭାପତି ଆଦିତ୍ୟ ଗିରି ଅଭିଯୋଗ କରିବା ସହ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ବ୍ଲକ ଓ ଜିଲା ପ୍ରଶାସନ ସରକାରଙ୍କ ହାତବାରିଶୀ ସାଜି ଦଳୀୟ ଭିତ୍ତିରେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ରାଜଘରପୋଖରୀ ପଞ୍ଚାୟତ ସମିତିସଭ୍ୟ ରମେଶ ଚନ୍ଦ୍ର ବଳ କହିଛନ୍ତି। ପରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମଧ୍ୟ ରାତି ୯ଟା ବେଳେ ପହଞ୍ଚି ଅନଶନକାରୀଙ୍କ ସହ ଆଲୋଚନା କରିଥିଲେ। ହେଲେ ସମାଧାନ ହୋଇ ନ ଥିବାରୁ ଅନଶନ ଜାରି ରହିଛି।

### ପୋଖରୀରେ ବୁଡ଼ି ପେଟ୍ରୋଲ ପମ୍ପ ମାଲିକଙ୍କ ମୃତ୍ୟୁ

ନୀଳଗିରି, ୨୮।୪(ପ୍ରଶାନ୍ତ ବିଶ୍ୱାଳ): ନୀଳଗିରି ବାଲିଗୋହିରିସ୍ଥିତ ସତ୍ୟସାଇ ପେଟ୍ରୋଲ ପମ୍ପର ମାଲିକ ନିରଞ୍ଜନ ମହାପାତ୍ର(୬୬) ମଙ୍ଗଳବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଏହି ଅବସରରେ ପେଟ୍ରୋଲ ପମ୍ପ ବନ୍ଦ କରାଯାଇଥିଲା। ନିରଞ୍ଜନ ମଧ୍ୟାହ୍ନ ପ୍ରାୟ ସାଢ଼େ ୧୨ଟା ବେଳେ ନିଜ ପୋଖରୀରେ ଖାଡା ପକାଉଥିବା ବେଳେ ହଠାତ୍ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ମହିଳାଙ୍କ ଆତ୍ମହତ୍ୟା

ସିମୁଳିଆ,୨୮।୪(ସନ୍ତୋଷ ନାୟକ): ଜମିଜମା ବିବାଦକୁ କେନ୍ଦ୍ର ବାଲେଶ୍ୱର ଜିଲା ସିମୁଳିଆ ଥାନା ବମଡିଆ ଅଞ୍ଚଳର ଗୁର ଖିଲାର(୭୦) ନିଜ ଘର ମଧ୍ୟରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ପୋଲିସ ମାମଲା(ନଂ. ୧୫୧/୨୬) ରୁଜୁ କରିଛି।

## ‘ମଧୁବାବୁ ଥିଲେ ଆଧୁନିକ ଓଡ଼ିଶାର ନିର୍ମାତା’

### ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ମଧୁବାବୁଙ୍କ ଜୟନ୍ତୀ ଓ ଆଇନଜୀବୀ ଦିବସ

ବାଲେଶ୍ୱର, ୨୮।୪(ବାଞ୍ଛାନିଧି ଦେ):




ମଧୁବାବୁଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସହ ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଆବାହକ ପ୍ରଫେସର ପବିତ୍ରମୋହନ ନାୟକ ମଧୁବାବୁ ଜଣେ ପ୍ରଖ୍ୟାତ ଆଇନଜୀବୀ ଓ ସମାଜ ସୁଧାରକ ଥିଲେ ବୋଲି ସ୍ୱାଗତ ବକ୍ତବ୍ୟରେ କହିଥିଲେ। ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବୋଲି କହିଥିଲେ। ମଧୁବାବୁଙ୍କ ନ୍ୟାୟବୋଧ ଓ ଆତ୍ମନିର୍ଭରତାର ଦୃଷ୍ଟିକୋଣକୁ ଉଲ୍ଲେଖ କରି ସେ ଛାତ୍ରୀଛାତ୍ରଙ୍କୁ ନୈତିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ମଞ୍ଚାସୀନ ହୋଇ ଆଇନ ଶିକ୍ଷାର ଗୁରୁତ୍ୱକୁ ଉଲ୍ଲେଖ କରି ଶିକ୍ଷା ଓ ଗବେଷଣାରେ ନୂତନ ଦୃଷ୍ଟିକୋଣ ଗଢ଼ି ଉଠିବାର ପ୍ରୟୋଜନୀୟତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ମୃଣାଳିନୀ ପାଢ଼ୀ ଓ ସୌର୍ଯ୍ୟକାନ୍ତ ପାଢ଼ୀ ଯୋଗଦେଇ ଆଇନ ପେଶାର ଚ୍ୟାଲେଞ୍ଜ, ନୈତିକତା ଓ ଦାୟିତ୍ୱ ବିଷୟରେ ଅନୁଭବ ଶେୟାର କରି ଯୁବ ଆଇନଜୀବୀମାନଙ୍କୁ ସତ୍ୟନିଷ୍ଠା ଓ ଅବିରତ ଅଧ୍ୟୟନରେ ଅଗ୍ରସର ହେବାକୁ ପ୍ରେରିତ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ପ୍ରଫେସର ଅଶୋକ କୁମାର ପଟ୍ଟନାୟକ ମଧୁସୂଦନଙ୍କ ଐତିହାସିକ ଅବଦାନ ଉପରେ ଆଲୋଚନା କରି ଓଡ଼ିଶାର ପରିଚୟ ଗଢ଼ିବାରେ ତାଙ୍କ ଭୂମିକାକୁ ସ୍ମରଣ କରିଥିଲେ। ଡ. ଶଶାଙ୍କ ଶେଖର ଗଡ଼ନାୟକ କାର୍ଯ୍ୟକ୍ରମ ସଂଯୋଜନା ଓ ଡ. ଆକାଶ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଯୁବ କଂଗ୍ରେସର ବିକ୍ଷୋଭ



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଯୁବ କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ।

ବାରିପଦା,୨୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଧୀନ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ଅସୁସ୍ଥ ଓ ମୃତ୍ୟୁ ଘଟଣାରେ ମୋରଡା ଯୁବ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମୃତ ଛାତ୍ରୀଙ୍କ ପରିବାରକୁ ୫୦ଲକ୍ଷ ଟଙ୍କା ସମେତ ଅନ୍ୟାନ୍ୟ ଛାତ୍ରୀଙ୍କୁ କ୍ଷତି ପୂରଣ ଦେବା, ମୋରଡା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଇସ୍ତଫା ଦାବି କରିଛନ୍ତି। ଘଟଣାର ବିଚାର ବିଭାଗୀୟ ତଦନ୍ତ ଓ ମନ୍ତ୍ରୀ ମଣ୍ଡଳରୁ ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରା ନ ଗଲେ ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରାଯିବ ବୋଲି ରାଜ୍ୟ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷରେ ଜିଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଆଦିବାସୀ ଛାତ୍ରୀଛାତ୍ରଙ୍କ ପାଇଁ ନ୍ୟାୟ ମାଗିବା ସହ ନଗର ଉନ୍ନୟନ ମନ୍ତ୍ରୀଙ୍କ ବହିଷ୍କାର ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ପାତ୍ର, ବାଲେଶ୍ୱର ଜିଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ, ମୋରଡା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଶଶଧର ବେହେରା, ମୁନା ଧଳ ଓ ଯୁବ କଂଗ୍ରେସ ନେତା ଏମ. ଡି. ନାଜିର ଉଲହକ, ଲୋସନ ସାହୁ, ଶୁଭ କୁମାର ମହାନ୍ତ, ଅଶିତ ବେହେରା, ଶନାତନ ଦେ,ଅକ୍ଷୟ ମହାନ୍ତ, ବଡସାହି ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଦିପ୍ତି ଭାନୁ ସେନାପତି ଆଦି ନେତୃତ୍ୱ ନେଉଥିଲେ। ମୋରଡା ବ୍ଲକ ପୂର୍ବତନ ସଭାପତି ରାଜେଶ ପଢିଆରୀ, ବରିଷ୍ଠ ଯୁବ କଂଗ୍ରେସ ନେତା ମୋହନ ଦାସ, ବାରିପଦା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ କୁମାର ହେମ୍ବ୍ରମ, ଉଦଳାର ପୂର୍ବତନ ବିଧାୟକ ପ୍ରାର୍ଥୀ ଦୁର୍ଗାଚରଣ ଟୁଡୁ, ବାଙ୍ଗିରିପୋଷିର ପୂର୍ବତନ ବିଧାୟକ ପ୍ରାର୍ଥୀ ମୁରଲୀ ନାୟକ, ବଡ଼ସାହି ବ୍ଲକ କଂଗ୍ରେସ କମିଟି ସଭାପତି ଶଶାଙ୍କ ଶେଖର କର, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଅମରଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁସୂଦନ ଜୟନ୍ତୀ, ଆଇନଜୀବୀ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଆଇନଜୀବୀ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ କରାଯାଇଛି। ଏହି ଅବସରରେ ସଂଘର କାର୍ଯ୍ୟକର୍ତ୍ତାମାନେ ପ୍ରଥମେ କୋର୍ଟ ପରିସରରେ ସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ସ୍ମୃତି ଚାରଣ କରିଥିଲେ। ଏହାପରେ ସ୍ଥାନୀୟ ଶହୀଦ ସ୍ମୃତି ଭବନ ପରିସରରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ହାଇକୋର୍ଟ ବିଚାରପତି ଦେବବ୍ରତ ଦାସ ଯୋଗ ଦେଇଥିଲେ। ସେ ମଧୁବାବୁଙ୍କ ସଂଘର୍ଷମୟ ଜୀବନୀ, ଓଡ଼ିଶା ଗଠନରେ ତାଙ୍କର ଅତୁଳନୀୟ ଅବଦାନ ଏବଂ ବର୍ତ୍ତମାନ ସମାଜରେ ଆଇନଜୀବୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଓଡ଼ିଶାର ଏହି ମହାନ ଜନନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ଆଇନଜୀବୀମାନେ ନିଷ୍ଠାର ସହ କାର୍ଯ୍ୟ କରିବା ଉଚିତ ବୋଲି ଅତିଥି ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବହୁ ବରିଷ୍ଠ ଓ କନିଷ୍ଠ ଆଇନଜୀବୀ ତଥା ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ସ୍ୱାଭିମାନ ଦିବସ ପାଳିତ

ଗୋପବନ୍ଧୁ ନଗର,୨୮।୪(ଶାନ୍ତନୁ କୁମାର ମଡୁଆଳ)

ଗୋପବନ୍ଧୁ ନଗର ପ୍ରେସ କ୍ଲବ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅପରାହ୍ନରେ ଆୟୋଜିତ ସଭାରେ ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଖୁଣ୍ଟା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା, ମୁଖ୍ୟ ବକ୍ତା ଲେଖକ ତଥା ନାଟ୍ୟକାର ମନୋରଞ୍ଜନ ଦାଶ, ସମ୍ମାନିତ ଅତିଥି କୁଆମରା ବନପାଳ ଅବନୀ କୁମାର ଜେନା, ପ୍ରେସ କ୍ଲବର ସମ୍ପାଦକ ଡ. କୁମାର ବାବୁଲି ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଉପସଭାପତି ଚିତ୍ତରଞ୍ଜନ ଦଳେଇ ଓ ସହ ସମ୍ପାଦକ ସୁଶାନ୍ତ କୁମାର ମଡୁଆଳ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ଅବସରରେ ନିକଟରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା ଓ ବନପାଳ ଅବନୀ କୁମାର ଜେନାଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୋଷାଧ୍ୟକ୍ଷ ଯୋଗେଶ୍ୱର ସାହୁ ଅତିଥି ପରିଚୟ ଓ ସମ୍ବିତ କୁମାର ରାଉତ ଧନ୍ୟବାଦ ଦେଇଥିଲେ। ସୂର୍ଯ୍ୟକାନ୍ତି ପ୍ରଧାନ, ବିଶ୍ୱଜିତ ଦାଶ, ଦୀପକ କୁମାର ଚୌଧୁରୀ, ମାଣିକ ହେମ୍ବ୍ରମ, ଜୟନ୍ତ କୁମାର ସ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# 'ବିରୋଧୀଙ୍କ ଚକ୍ରାନ୍ତ ପାଇଁ ଅଟକିଛି ମହିଳା ବନ୍ଦନ ଅଧିନିୟମ'



ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ।

## ବାରିପଦାରେ ଭାଜପା ମହିଳା ମୋର୍ଚ୍ଚାର ଖବରଦାତା ସମ୍ମିଳନୀ

ବାରିପଦା,୨୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଦେଶରେ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ଅଣାଯାଇଥିବା 'ମହିଳା ବନ୍ଦନ ଅଧିନିୟମ ବିଲ' ବିରୋଧୀ ଦଳଙ୍କ ଚକ୍ରାନ୍ତ ଯୋଗୁ ଅଟକି ରହିଛି। ଏହାକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ସାରା ରାଜ୍ୟରେ ଜନଆକ୍ରୋଶ ପ୍ରକାଶ ପାଇବା ସହ ବିରୋଧୀଙ୍କ ପ୍ରକୃତ ଚେହେରାକୁ ଲୋକଙ୍କ ସାମ୍ନାକୁ ଅଣାଯାଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷଠାରେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ରାଜ୍ୟ ସମ୍ପାଦିକା ତଥା ମୟୂରଭଞ୍ଜ ଜିଲା ପ୍ରଭାରୀ ସିପ୍ରା ବାଜପେୟୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିରୋଧୀ ମେଣ୍ଟ ଉପରେ ବର୍ଷିଥିଲେ। ସେ କହିଛନ୍ତି ଯେ, ବିରୋଧୀ ଦଳଗୁଡ଼ିକ ସବୁବେଳେ ନାରୀ ବିରୋଧୀ ମନୋଭାବ ପୋଷଣ କରି ଆସୁଛନ୍ତି। ମହିଳାମାନଙ୍କୁ ଉଚିତ୍ ସମ୍ମାନ ଓ ଅଧିକାର ଦେବା ପାଇଁ କେନ୍ଦ୍ର ସରକାର ପ୍ରୟାସ କରୁଥିବା ବେଳେ ବିରୋଧୀ ଦଳଗୁଡ଼ିକ ଏହାକୁ ସହ୍ୟ କରିପାରୁ ନାହାନ୍ତି। ଇଣ୍ଡି ମେଣ୍ଟର ସଦସ୍ୟମାନେ କିଭଳି ଭାବେ ସଂସଦରେ ବିଲ୍‌କୁ ବିରୋଧ କରି ମହିଳା ସ୍ୱାର୍ଥରେ ବାଧା ସୃଷ୍ଟି କରୁଛନ୍ତି ତାହା ସ୍ପଷ୍ଟ ହୋଇଛି। ବିରୋଧୀଙ୍କ ମହିଳା ବିରୋଧୀ ଆଭିମୁଖ୍ୟକୁ ନେଇ ଭାଜପା ମହିଳା ମୋର୍ଚ୍ଚା ପ୍ରତିଟି ଗାଁକୁ ଯାଇ ଲୋକଙ୍କୁ ସଚେତନ କରୁଛି। ବିଭିନ୍ନ ସ୍ଥାନରେ ରାଲି ଓ ସମାବେଶ ମାଧ୍ୟମରେ ବିରୋଧୀଙ୍କ ମହିଳା ସମ୍ମାନର ଗୁମର ଖୋଲିଛି ମୋର୍ଚ୍ଚା। ପ୍ରଭାରୀ ବାଜପେୟୀ ଖବରଦାତାମାନଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଭାଜପା ସବୁବେଳେ ମହିଳାମାନଙ୍କ ବିକାଶ ଓ ସୁରକ୍ଷାକୁ ପ୍ରାଥମିକତା ଦେଇଆସିଛି। କିନ୍ତୁ ବିରୋଧୀଙ୍କ ହୀନ ରାଜନୀତି ଯୋଗୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଅଟକି ରହିଛି। ଏହି ସମ୍ମିଳନୀରେ ଜିଲା ଭାଜପା ଓ ମହିଳା ମୋର୍ଚ୍ଚାର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ବିରୋଧୀଙ୍କ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିଛନ୍ତି। ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ମୋର୍ଚ୍ଚା ପକ୍ଷରୁ ଚେତାବନୀ ଦିଆଯାଇଛି।

# ବାଣ ଫୁଟାଇ ଖୁସି ମନାଇଲେ ଲୋକେ

ବେତନଟୀ/ବୈଶିଙ୍ଗା,୨୮।୪ (ଧରଣୀଧର ମହାନ୍ତି/ ରତନ ଦାଶ)


ମୁନା ସେଠୀ

## ବେତନଟୀ ବିଡିଓଙ୍କ ନିଲମ୍ବନ ପରେ ଶ୍ୟାମାଖୁଣ୍ଟା ବିଡିଓଙ୍କୁ ଦାୟିତ୍ୱ

ବିବାଦ ମଧ୍ୟରେ ଛନ୍ଦି ହୋଇ ପଡ଼ିଥିବା ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକର ବିଡିଓ ସୁଶାନ୍ତ କୁମାର ସୁତାରଙ୍କୁ ରାଜ୍ୟ ସରକାର ନିଲମ୍ବିତ କରିଛନ୍ତି। ତାଙ୍କ ସ୍ଥାନରେ ମଙ୍ଗଳବାର ଏହି ଜିଲାର ଶ୍ୟାମାଖୁଣ୍ଟା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୁନା ସେଠୀଙ୍କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ତେବେ ଦୀର୍ଘ ଦିନ ଧରି ସୁଶାନ୍ତ କୁମାର ସୁତାରଙ୍କ ମନମୁଖୀ କାର୍ଯ୍ୟକଳାପ ପାଇଁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଥିଲା। ଶେଷରେ ବିଭାଗୀୟ ପତ୍ର ସଂଖ୍ୟା ୧୫୭୫୬ / ୧୫।୪।୨୦୨୬ ବିବାଦୀୟ ବିଡିଓଙ୍କ ନିଲମ୍ବନ ଆଦେଶ ଜାରି କରାଯାଇଥିବା ସହ ତାଙ୍କୁ ବ୍ରହ୍ମପୁର ଆରଡିସିଙ୍କ କାର୍ଯ୍ୟାଳୟରେ ଦୈନନ୍ଦିନ ହାଜିରା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ଭିତରେ ଖୁସିର ଲହରୀ ଖେଳିଯାଇଥିଲା। ବାଣ ଫୁଟାଇ ବେତନଟୀ ଓ ବୈଶିଙ୍ଗା ଅଞ୍ଚଳରେ ଲୋକେ ଖୁସି ମନାଇଥିଲେ। ଏହି ଅବସରରେ ବେତନଟୀ ମିଡ଼ିଆ ଆସୋସିଏସନ ତରଫରୁ ନୂତନ ବିଡିଓ ସେଠୀଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର ହୋଇଥିଲା। ସାକ୍ଷାତକାରରେ ବିଡିଓ ସେଠୀ ବେତନଟୀ ବ୍ଲକର ବିକାଶମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ବାଲି ଲିଜ୍‌ଧାରୀ-ଗ୍ରାମବାସୀ ମୁହାଁମୁହିଁ

ଉଦଳା,୨୮।୪(ସନ୍ତୋଷ କୁମାର ବାଛିନୀ)

## ୭ ଟ୍ରାକ୍ଟର ଅଟକ

ଉଦଳା ତହସିଲ ଅଧୀନ ଭୀମତାଳି ବାଲି ଘାଟକୁ ନେଇ ମଙ୍ଗଳବାର ଲିଜ୍‌ଧାରୀ ଓ ଗ୍ରାମବାସୀ ମୁହାଁମୁହିଁ ହୋଇଛନ୍ତି। ଲିଜଧାରୀ ନିର୍ଦ୍ଦିଷ୍ଟ ଅଞ୍ଚଳ ବାହାରକୁ ଯାଇ ବାଲି ଉଠାଣ କରୁଥିଲେ। ବ୍ୟାପକ ଭାବେ ବେଆଇନ ବାଲି ଉତ୍ତୋଳନ କରି ନଦୀର ଆଡି ତାଡି ଚାଲିଥିବାରୁ ଏହାକୁ ଗ୍ରାମବାସୀ ବିରୋଧ କରିଥିଲେ। ବାଲି ଉତ୍ତୋଳନ ଚାଲିଥିବା ବେଳେ ୭ଟି ଟ୍ରାକ୍ଟରକୁ ଗ୍ରାମବାସୀ ଅଟକ ରଖିଥିଲେ। ଏହାକୁ ନେଇ ଗ୍ରାମବାସୀ ଏବଂ ବାଲି ଉତ୍ତୋଳନକାରୀ ମୁହାଁମୁହିଁ ହୋଇଥିଲେ। ବେଆଇନ ଭାବେ ଆଡିରୁ ବାଲି ଉଠାଇବା କାରଣରୁ ଲୋକଙ୍କ ଚାଷ ଜମି ନଦୀ ଗର୍ଭକୁ ଯିବାର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଏହି ବାଲି ଉଠାଣକୁ ତୀବ୍ର ବିରୋଧ କରିଛନ୍ତି ଗ୍ରାମବାସୀ।

# ଜିଲା ଶିଶୁ କଲ୍ୟାଣ କମିଟି ପୁନର୍ଗଠନ

ବାରିପଦା, ୨୮।୪(ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଭାସ୍ୱତୀ ନୂତନ ଅଧ୍ୟକ୍ଷା

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାରେ ଶିଶୁ ସୁରକ୍ଷା ଓ କଲ୍ୟାଣକୁ ଆହୁରି ସକ୍ରିୟ ଓ ସୁଦୃଢ଼ କରିବା ପାଇଁ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି)ର ପୁନର୍ଗଠନ କରାଯାଇଛି। ଏହି ଅବସରରେ ନୂତନ କମିଟି ଅଧ୍ୟକ୍ଷା ଭାସ୍ୱତୀ ବାରିକ ଦାୟିତ୍ୱ ଗ୍ରହଣ କରିଛନ୍ତି। ବାରିପଦାର ଷ୍ଟେଶନ ବଜାର ସ୍ଥିତ କାର୍ଯ୍ୟାଳୟରେ ପୂର୍ବର ଅଧ୍ୟକ୍ଷ ଜଗଦୀଶ ଘଡେଇଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହାସହିତ କମିଟିର ଅନ୍ୟ ସଦସ୍ୟମାନଙ୍କୁ ଦାୟିତ୍ୱ ହସ୍ତାନ୍ତର ହୋଇଛି। କମିଟି ସଦସ୍ୟ ଭାବେ ରଞ୍ଜିତା ପଣ୍ଡା, ସୁମିତ୍ରା ସ୍ୱାଇଁ, ସୁରଥ କୁମାର ପଟ୍ଟନାୟକ ଓ ଗିରିଜା ଶଙ୍କର ରାଉତ ନିଯୁକ୍ତ ହୋଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। ନୂତନ କମିଟି ସଦସ୍ୟଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଶିଶୁ ମାନଙ୍କ ସୁରକ୍ଷା, ପୁନର୍ବାସନ, ଶିକ୍ଷା ଓ ଅଧିକାର ସୁନିଶ୍ଚିତ କରିବାରେ ଏହି କମିଟି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ମତ ପ୍ରକାଶ ପାଇଥିଲା। ନୂତନ ଅଧ୍ୟକ୍ଷା ବାରିକ କହିଥିଲେ ଯେ, ଶିଶୁ ମାନଙ୍କ ସମସ୍ୟା ତ୍ୱରିତ ସମାଧାନ, ସୁରକ୍ଷିତ ପରିବେଶ ଓ ସଚେତନତା ବୃଦ୍ଧି ପାଇଁ କମିଟି ସଦା ପ୍ରତିବଦ୍ଧ ରହିବ।

# ନାବାଳିକା ଅନ୍ତଃସତ୍ତ୍ୱା, ଥାନାରେ ମାମଲା

ଗୋପବନ୍ଧୁ ନଗର,୨୮।୪ (ଶାନ୍ତନୁ କୁମାର ମଡୁଆଳ)

ଖୁଣ୍ଟା ଥାନା ଅଞ୍ଚଳରେ ଜଣେ ନାବାଳିକା ୭ ମାସର ଅନ୍ତସତ୍ତ୍ୱା ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ନାବାଳିକାଙ୍କ ବୟସ ୧୪ ବର୍ଷ ହୋଇଥିବା ବେଳେ ନାବାଳକଙ୍କ ବୟସ ୧୭ ବର୍ଷ। ତେବେ କିଛି ମାସ ହେବ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ପରେ ଶାରିରୀକ ସମ୍ପର୍କରୁ ନାବାଳିକା ଜଣକ ଗର୍ଭବତୀ ହୋଇଛନ୍ତି। ତେବେ ପରିବାର ଲୋକେ ନିକଟରେ ଏହା ଜାଣିବା ପରେ ଉଭୟ ପରିବାରକୁ ନେଇ ଗ୍ରାମ ରେ ବୈଠକ ବସିଥିଲା। ମାତ୍ର ସମାଧାନର ରାସ୍ତା ବାହାରି ନ ପାରିବାରୁ ପୀଡିତାଙ୍କ ବାପା ଏ ନେଇ ମଙ୍ଗଳାବର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୧୨/୨୬) ରୁଜୁ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

# ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ବେତନଟୀ/ବୈଶିଙ୍ଗା,୨୮।୪ (ଧରଣୀଧର ମହାନ୍ତି/ ରତନ ଦାଶ)

ବୈଶିଙ୍ଗା ଥାନା ଅଧୀନ ଅଗ୍ରିଆ ଛକ ଓଭରବ୍ରିଜ ନିକଟରେ ମଙ୍ଗଳବାର ଅଜଣା ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଥିବା ବେଳେ ବାଇକ୍ ବାଇକ୍ ଚାଳକଙ୍କ ପରିଚୟ ମିଳିପାରିନାହିଁ।

# ବାରିପଦାରେ ରାଜ୍ୟ ମହିଳା କମିଶନଙ୍କ ଅଦାଲତ ଶିବିର



ଅଦାଲତ ଶିବିରରେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ଅନ୍ୟମାନେ।

ବାରିପଦା,୨୮।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ପକ୍ଷରୁ ଏକ ଅଦାଲତ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ମହିଳାମାନଙ୍କର ବିଭିନ୍ନ ପାରିବାରିକ ଓ ସାମାଜିକ ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରୟାସ କରାଯାଇଛି। ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତି ଏହି ଶିବିରରେ ଉପସ୍ଥିତ ରହି ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ମହିଳାମାନଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅସ୍ଥାୟୀ କ୍ୟାମ୍ପ କୋର୍ଟରେ ମୋଟ ୧୦ଟି ମାମଲାର ବିଚାର କରାଯାଇଥିଲା। ଅଧ୍ୟକ୍ଷା ମହାନ୍ତି ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ସହ ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅନେକ ମାମଲାର ଆପୋଷ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ମହିଳାମାନଙ୍କୁ ନ୍ୟାୟିକ ପ୍ରକ୍ରିୟାରେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସବିତା ମାଝି, ଜିଲା ମହିଳା ଓ ଶିଶୁ ବିକାଶ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ରହିଥିଲେ। ଏହି ଶିବିର ମାଧ୍ୟମରେ ଦୂରଦୂରାନ୍ତରୁ ଆସିଥିବା ମହିଳାମାନେ ନିଜ ସମସ୍ୟାର ସମାଧାନ ପାଇଁ ଏକ ସୁବିଧାଜନକ ପ୍ଲାଟଫର୍ମ ପାଇପାରିଛନ୍ତି। ବିଶେଷ କରି ପାରିବାରିକ କଳହ ଓ ନିର୍ଯାତନା ଭଳି ସମ୍ବେଦନଶୀଳ ମାମଲା ଗୁଡ଼ିକର ତୁରନ୍ତ ସମାଧାନ ଉପରେ କମିଶନ ଗୁରୁତ୍ୱାରୋପ କରିଛନ୍ତି।

# ମଧୁ ଜୟନ୍ତୀ,ଆଇନଜୀବୀ ଦିବସ

## ଆଇନଜୀବୀ ଗଗନ ବିହାରୀ ଭଞ୍ଜମିଶ୍ର ମଧୁସମ୍ମାନ-୨୦୨୬ରେ ସମ୍ମାନିତ


ଆଇନଜୀବୀ ଦିବସରେ ଉପସ୍ଥିତ ବଡ଼ବିଲ ବାର ଆସୋସିଏଶନର ସଦସ୍ୟମାନେ।

ବଡବିଲ,୨୮।୪(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଛି। ଏହି ଅବସରରେ ବଡ଼ବିଲ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଭଞ୍ଜମିଶ୍ରଙ୍କୁ ମଧୁ ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଛି। ବଡ଼ବିଲ ବାର ଆସୋସିଏସନ ଏବଂ ଲୟର୍ସ ଆସୋସିଏସନ ପକ୍ଷରୁ ଆଇନଜୀବୀ ଦିବସ ପାଳିତ ହୋଇଛି। ବାର ଆସୋସିଏସନର କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ କୋର୍ଟପରିସରରୁ ବାହାରି ପୁରୁଣା ବସଷ୍ଟାଣ୍ଡ ନିକଟ ମଦୁସୂଦନ ଛକଠାରେ ପହଞ୍ଚିଥିଲେ। ଆଇନଜୀବୀମାନେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ କୋର୍ଟ ପରିସରରେ ଥିବା ବାର କନଫରେନ୍ସ ହଲରେ ଆୟୋଜିତ ଏକ ସଭାରେ ଆଇନଜୀବୀମାନେ ଯୋଗଦେଇଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବଡବିଲ ଜେଏମଏଫସି ପ୍ରଥମ ଶୁଭଲକ୍ଷ୍ମୀ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଜେଏମଏଫସି ଦ୍ୱିତୀୟ ମଧୁସ୍ମିତା ନାୟକ ଯୋଗ ଦେଇଥିଲେ। ସଭାରେ ଆସୋସିଏସନର ସଭାପତି ଆଇନଜୀବୀ ବଳରାମ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ପାଦକ ତଥା ଆଇନଜୀବୀ ଦେବପ୍ରିୟ ରଣା ସଭା ପରିଚାଳନା କରିଥିଲାବେଳେ ଆଇନଜୀବୀ ରଘୁନାଥ ବାରିକ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସେହିପରି ଲୟର୍ସ ଆସୋସିଏସନ ପକ୍ଷରୁ ମଧୁବାବୁଙ୍କ ଫଟୋଚତ୍ରରେ ଫୁଲମାଳ ଦେଇ ଆଇନଜୀବୀମାନେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ।

# ୪୩ ଦିନରେ ପହଞ୍ଚିଲା ଜେଏମ୍‌ଏମ୍‌ର ଧାରଣା

ମୋରଡ଼ା,୨୮।୪(ସ୍ମାରକ ମାଜୀ)


ଧାରଣାରତ ଜେଏମ୍‌ଏମ୍ କାର୍ଯ୍ୟକର୍ତ୍ତାମାନେ।

୨ ଦଫା ଦାବି ନେଇ ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ବାରମାଇଲସ୍ଥିତ କିଶାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମ୍‌ଏମ୍) ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଗତ ମାର୍ଚ୍ଚ ୧୭ ଠାରୁ ଧାରଣା ଦିଆଯାଉଛି। ମଙ୍ଗଳବାର ଏହି ଧାରଣା ୪୩ ଦିନରେ ପହଞ୍ଚିଛି। ଜେଏମ୍‌ଏମ୍ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ କର୍ମୀମାନେ ଶାନ୍ତିପୂର୍ଣ୍ଣଭାବେ ଧାରଣାରେ ବସୁଛନ୍ତି। ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ଓ ଏକ୍ସରେ ମେଶିନ ସ୍ଥାପନ ଏବଂ ଖାଲି ପଡ଼ିଥିବା ଡାକ୍ତର ପଦବୀ ଗୁଡିକର ପୂରଣ ନେଇ ସଭାପତି ଦାସ ଦାବି କରିଛନ୍ତି। ତେବେ ପୂର୍ବରୁ ଧାରଣାସ୍ଥଳରେ ଜିଲା ସ୍ୱାସ୍ଥ୍ୟ ବିଭାଗୀୟ ଅଧିକାରୀ ପହଁଞ୍ଚି ଥିଲେ ମଧ ଆଲୋଚନା ବିଫଳ ହୋଇଥିଲା। ବିଗତ ୪୩ ଦିନ ଧରି ଧାରଣା ଚାଲିଥିଲେ ମଧ୍ୟ ପ୍ରଶାସନ ଯେମିତି କିଛି ନ ଜାଣି ଚୁପ ରହି ବସିଛି, ଫଳରେ ଜନ ଅସନ୍ତୋଷ ମଧ ବଢ଼ିବାରେ ଲାଗିଛି। ନିର୍ବାଚନ ସମୟରେ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିବା ବର୍ତ୍ତମାନର ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଲୋକଙ୍କ ସମସ୍ୟା ନ ବୁଝି ଉତ୍ସବ ମନାଇବାରେ ବ୍ୟସ୍ତ କହିଛନ୍ତି ବୋଲି ସଭାପତି ଦାସ କହିଛନ୍ତି। ତେବେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ଏବଂ ଆସନ୍ତା ଏପ୍ରିଲ ୩୦ତାରିଖ ଦିନ ଧାରଣା ୪୫ଦିନରେ ପହଞ୍ଚିବ। ଉକ୍ତ ଦିନ ଭାଜପା ସରକାର ବିରୋଧରେ ପଦଯାତ୍ରା ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସୂଚନା ଦେଇଛନ୍ତି ଦାସ।

